# ସଂକ୍ଷେପରେ

## ୩ ନକ୍ସଲପନ୍ଥୀ ନିହତ

**ରାଜନନ୍ଦଗାଁଓ, ୧୮।୬/ପିଟି :** ଛତିଶଗଡ଼ର ରାଜନନ୍ଦଗାଁଓ ଜିଲ୍ଲାରେ ପୁଲିସ ଏନ୍‌କାଉଣ୍ଟରରେ ୩ ନକ୍ସଲପନ୍ଥୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମହିଳା କମାଣ୍ଡର ଅଛନ୍ତି। ମହିଳା ନକ୍ସଲପନ୍ଥୀଙ୍କ ନାମ ଶ୍ୟାମଲି ବୋଲି ଚିହ୍ନଟ କରାଯାଇଛି। ତାଙ୍କ ନାମରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଅନ୍ଧି ଥାନା ଅନ୍ତର୍ଗତ ପେଣ୍ଡୋରି ଗାଁ ଜଙ୍ଗଲରେ ଏହି ଏନ୍‌କାଉଣ୍ଟର ହୋଇଥିଲା।

## ଏତଲା ରୁଜୁ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୮।୬/ପିଟି:** ଆର୍‌କେ ନଗର ଉପନିର୍ବାଚନରେ ଲାଞ୍ଚ କାରବାର ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ ପଲାନିସ୍ୱାମୀ, ସ୍ୱାସ୍ଥ୍ୟମନ୍ତ୍ରୀ ସି ବିଜୟ ଭାସ୍କର ଓ ଏଆଇଏଡିଏମ୍‌କେ ଉପସାଧାରଣ ସମ୍ପାଦକ ଟିଟିଭି ଦିନାକରନ୍‌ଙ୍କ ବିରୋଧରେ ଏତଲା ରୁଜୁ କରିବା ପାଇଁ ନିର୍ବାଚନ କମିଶନ (ଇସି) ନିର୍ଦ୍ଦେଶ ଦେଇଛନ୍ତି। ଉପନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଟଙ୍କା ବଣ୍ଟା ଯାଇଥିବା ଅଭିଯୋଗର ତଦନ୍ତ କରାଯିବାକୁ ଏକ ଆର୍‌ଟିଆଇ ଆବେଦନ ଉପରେ ଇସି ଏହି ପଦକ୍ଷେପ ନେଇଛନ୍ତି।

## ବିମାନରେ ସନ୍ତାନ ପ୍ରସବ

**ନୂଆଦିଲ୍ଲୀ, ୧୮।୬/ପିଟି:** ସାଉଦି ଆରବରୁ ଭାରତ ଆସୁଥିବା ଜେଟ୍ ଏୟାରୱେଜ୍ ବିମାନରେ ଆଜି ଜଣେ ମହିଳା ପୁତ୍ର ସନ୍ତାନ ପ୍ରସବ କରିଛନ୍ତି। ୧୬୨ ଜଣ ଯାତ୍ରୀଙ୍କୁ ଧରି ୩୫ ହଜାର ଫୁଟ୍ ଉଚ୍ଚରେ ବିମାନଟି ଉଡୁଥିଲା ବେଳେ ମହିଳା ଜଣକ ବିମାନ କର୍ମଚାରୀ ଓ କେରଳ ଯାଉଥିବା ଜଣେ ନର୍ସଙ୍କ ହେପାଜତରେ ପ୍ରସବ କରିଛନ୍ତି। ଏୟାରଲାଇନ୍ସ ପକ୍ଷରୁ ଏହି ନବଜାତକକୁ ଜନ୍ମଦିନର ଉପହାର ସ୍ୱରୂପ ଆଜୀବନ ମାଗଣା ଯାତ୍ରାର ସୁବିଧା ପ୍ରଦାନ ପାଇଁ ଘୋଷଣା କରାଯାଇଛି।

## ଯୋଗ ଦିବସ ପାଇଁ ବିପୁଳ ସମାଗମ

**ୱାଶିଂଟନ୍, ୧୮।୬/ପିଟି:** ଆସନ୍ତା ୨୧ରେ ତୃତୀୟ ଅନ୍ତର୍ଜାତୀୟ ଯୋଗଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆମେରିକାର ରାଜଧାନୀ ୱାଶିଂଟନ୍‌ର ଐତିହାସିକ ନ୍ୟାସନାଲ ମଲ୍‌ରେ ଯୋଗପ୍ରେମୀମାନେ ବିପୁଳ ସଂଖ୍ୟାରେ ଏକତ୍ରିତ ହେଲେଣି। ଏହା ଭାରତୀୟ ଦୂତାବାସ ପକ୍ଷରୁ ଏଠାରେ ଆୟୋଜିତ ହେଉଛି।